# ୪୦୦ରୁ ଅଧିକ ଶାଖାରେ ଏସ୍‌ଏସ୍‌ଏଫ୍‌ବି କରିବ ଡିଜିଟାଲ୍ ସାକ୍ଷରତା ସପ୍ତାହ

ଭୁବନେଶ୍ୱର,୭।୨: ଆରବିଆଇ ପକ୍ଷରୁ ଘୋଷଣା କରାଯାଇଥିବା ଡିଜିଟାଲ୍ ସାକ୍ଷରତା ସପ୍ତାହ ପାଳନ ସହିତ ସୂର୍ଯ୍ୟୋଦୟ ସ୍ମଲ ଫାଇନାନ୍ସ ବ୍ୟାଙ୍କ (ଏସ୍‌ଏସ୍‌ଏଫ୍‌ବି) ଚଳିତବର୍ଷ ସାରା ଦେଶରେ ୧ ଲକ୍ଷରୁ ଅଧିକ ଲୋକଙ୍କୁ ଆର୍ଥିକ ସାକ୍ଷର କରିବାକୁ ଲକ୍ଷ୍ୟ ରଖିଛି। ଏସ୍‌ଏସ୍‌ଏଫ୍‌ବି ପକ୍ଷରୁ ୧୨ ମାସ ଭିତରେ ୪୦୦ରୁ ଅଧିକ ବ୍ୟାଙ୍କିଙ୍ଗ୍ ଆଉଟ୍‌ଲେଟ୍ ଉନ୍ମୋଚନ କରିବା ଯୋଜନା ବିଷୟରେ ଘୋଷଣା କରାଯାଇଛି, ଯାହା ମଧ୍ୟରୁ ୫୦ରୁ ଅଧିକ ଆଉଟ୍‌ଲେଟ୍ ଓଡ଼ିଶାରେ ଖୋଲିବା ପ୍ରସ୍ତାବ ରହିଛି। ସୂର୍ଯ୍ୟୋଦୟ ସ୍ମଲ ଫାଇନାନ୍ସ ବ୍ୟାଙ୍କ ସବୁବେଳେ ବ୍ୟାଙ୍କ ପାଖରେ ପହଞ୍ଚି ନ ଥିବା ଲୋକଙ୍କୁ ଡିଜିଟାଲ ସାକ୍ଷରତା ଜରିଆରେ ଡିଜିଟାଲ୍ ଚ୍ୟାନେଲ୍‌ର ବ୍ୟବହାର, ଆର୍ଥିକ ଉତ୍ପାଦ, ସରକାରଙ୍କ ବିଭିନ୍ନ ଆର୍ଥିକ ସ୍କିମ୍‌କୁ ବ୍ୟବହାର କରି ସଂଗଠିତ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ପ୍ରତ୍ୟକ୍ଷ ଭାବେ ସାମିଲ ହେବାକୁ ଉଦ୍ୟମ କରୁଥିବା କମ୍ପାନୀର ଏମ୍‌ଡି ଓ ସିଇଓ ବାସ୍କର ବାବୁ କହିଛନ୍ତି।

